# NATIONAL NEWS BULLETIN (ODIA)

## 29 April - 2025

### Morning Bulletin : 7.15 a.m.

******************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର ଭାରତ ମଣ୍ଡପମ ଠାରେ ଆୟୋଜିତ ଯୁଗ୍ମ ସମ୍ମିଳନୀରେ ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ।

- ଦେଶରେ ଏ.ଟି.ଏମ୍. କାରବାର ନେଇ ନୂତନ ନିୟମ ଲାଗୁ କଲା ଆର୍.ବି.ଆଇ. ।

- ଦକ୍ଷିଣ ଇରାନ୍‌ର ସାହିବ ରାଜାଇ ବିମାନ ବନ୍ଦରରେ ଘଟିଥିବା ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ୭୦କୁ ବୃଦ୍ଧି ।

- ଚଳିତ ବର୍ଷ ଚାରିଧାମ ଯାତ୍ରା ଆସନ୍ତାକାଲିଠାରୁ ଆରମ୍ଭ ହେଉଛି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିଜୟୀ ।

# ପିଏମ୍-ଓ୍ୱାଇୟୁଜିଏମ୍

ନୂଆଦିଲ୍ଲୀର ଭାରତ ମଣ୍ଡପମ ଠାରେ ଆୟୋଜିତ ଯୁଗ୍ମ ସମ୍ମିଳନୀରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେବେ । ଓ୍ୱାଧ୍‌ଓ୍ୱାନି ଫାଉଣ୍ଡେସନ୍ ଏବଂ ସରକାରୀ ଅନୁଷ୍ଠାନର ମିଳିତ ସହଯୋଗରେ ୧ ହଜାର ୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଗବେଷଣା ଏବଂ ଉଦ୍ଭାବନ କ୍ଷେତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି । ଦେଶରେ ଉଦ୍ଭାବନ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ସହ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ଅଭିନବ ପ୍ରୟାସ ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଆତ୍ମନିର୍ଭରଶୀଳତା ଏବଂ ନବସୃଜନ ନେତୃତ୍ୱାଧୀନ ଆଧୁନିକ ଭାରତ ପରିକଳ୍ପନାକୁ ନେଇ ଏହି ସମ୍ମିଳନୀରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

ଏ ସମ୍ପର୍କରେ ଅଧିକ ତଥ୍ୟ ଦେଇ ଆମ ସମ୍ବାଦଦାତା କହିଛନ୍ତି, **V/O**

# ଶିବରାଜ-ମିଟିଂ

ଉତ୍ତମ ପ୍ରଶିକ୍ଷଣ ଏବଂ ସଚେତନତା ମାଧ୍ୟମରେ କୃଷି କ୍ଷେତ୍ର ଅଧିକ ଆତ୍ମନିର୍ଭରଶୀଳ ଏବଂ ସଶକ୍ତ ହୋଇପାରିବ ବୋଲି କୃଷି, କୃଷକ କଲ୍ୟାଣ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ନୂଆଦିଲ୍ଲୀରେ ଗତକାଲି ଦେଶର ସମସ୍ତ ୭୩୧ଟି କୃଷି ବିଜ୍ଞାନ କେନ୍ଦ୍ରକୁ ଭର୍ଚୁଆଲ୍ ମାଧ୍ୟମରେ ସମ୍ବୋଧନ କରି ଶ୍ରୀ ଚୌହାନ ଏହା କହିଛନ୍ତି । ସେ କହିଛନ୍ତି, କୃଷି ଏକ ବିଶାଳ କ୍ଷେତ୍ର, ଏଥିରେ ୪୫ ପ୍ରତିଶତ ଜନସଂଖ୍ୟା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡ଼ିତ ହୋଇଥାନ୍ତି । ଦେଶର ଜି.ଡି.ପି.ର ପ୍ରାୟ ୧୮ ପ୍ରତିଶତ କୃଷି କ୍ଷେତ୍ରରୁ ଆସିଥାଏ । ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ଏବଂ କୃଷକ ସଚେତନତାକୁ ସଂଯୋଗ କରି ନୂତନ ପଦକ୍ଷେପ ଗ୍ରହଣ କରିବାକୁ ସେ କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ମାଟିର ଗୁଣବତ୍ତା ବଜାୟ ରଖିବା ପାଇଁ ସାରର ସନ୍ତୁଳିତ ବ୍ୟବହାର ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ନୂଆଦିଲ୍ଲୀ ସ୍ଥିତ କୃଷି ଭବନରେ କୃଷି କ୍ଷେତ୍ରର ଅଗ୍ରଗତି ନେଇ ମନ୍ତ୍ରୀ ଶ୍ରୀ ଚୌହାନ ସାପ୍ତାହିକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ନାଫେଡ୍ ଏବଂ ଜାତୀୟ ଉଦ୍ୟାନ କୃଷି ବୋର୍ଡ଼ର ଅଧିକାରୀଙ୍କ ସହ ଏହି ଅବସରରେ ସେ ବିଭିନ୍ନ ପରିସ୍ଥିତି ନେଇ ମତବିନିମୟ କରିଥିଲେ ।

# ୟୁକେ-ଇଣ୍ଡିଆ-ଏଫ୍‌ଟିଏ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ୍ ଗତକାଲି ଲଣ୍ଡନରେ ବ୍ରିଟେନ୍‌ର ବ୍ୟବସାୟ ଓ ବାଣିଜ୍ୟ ସଚିବ ଜୋନାଥନ ରେନୋଲ୍ଡସ୍‌ଙ୍କ ସହ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା କରିଛନ୍ତି । ପୁଞ୍ଜିନିବେଶ ସମ୍ପର୍କ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଶ୍ରୀ ଗୋୟଲ୍  ଦୁଇ ଦିନିଆ ଲଣ୍ଡନ ଗସ୍ତରେ ଯାଇଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ଭାରତ ଓ ବ୍ରିଟେନ୍ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ପୁନଃ ଆରମ୍ଭ ହୋଇଛି । ଚୁକ୍ତିକୁ ଆଗକୁ ବଢ଼ାଇବା ପାଇଁ ଉଭୟ ପକ୍ଷ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି ।

ସୂଚନା ଯୋଗ୍ୟ ଗତ ଫେବୃୟାରୀ ମାସରେ ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଆରମ୍ଭ ହୋଇଥିବା ସମ୍ପର୍କରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ସୂଚନା ପ୍ରଦାନ କରିଥିଲା । ମନ୍ତ୍ରୀ ଶ୍ରୀ ଗୋୟଲ୍ କହିଥିଲେ, ପାରସ୍ପରିକ ଅଭିବୃଦ୍ଧି ଏବଂ ଦ୍ୱିପାକ୍ଷିକ ପରିପୂରକ ଅର୍ଥନୀତିର ଶକ୍ତି ଆଧାରିତ ଏକ ସନ୍ତୁଳିତ ଲାଭଦାୟକ ଚୁକ୍ତି ନେଇ ଉଭୟ ପକ୍ଷ ସହମତି ପ୍ରଦାନ କରିଛନ୍ତି ।

# ଆର୍‌ବିଆଇ-ଏଟିଏମ୍

ଭାରତୀୟ ରିଜର୍ଭ ବ୍ୟାଙ୍କ ଆର୍‌ବିଆଇ ସାରା ଦେଶରେ ଏଟିଏମ୍ କାରବାର ନେଇ ନୂତନ ନିୟମ ଲାଗୁ କରିଛି । ଏହା ଅନୁସାରେ ଆସନ୍ତା ପହିଲାରୁ ନିର୍ଦ୍ଧାରିତ ସୀମାରୁ ଅଧିକ ଥର ଟଙ୍କା ଉଠାଣ କଲେ ଉପଭୋକ୍ତାଙ୍କୁ ଅଧିକ ଶୁଳ୍କ ଦେବାକୁ ପଡିବ । ମେଟ୍ରୋ ସହର ଗୁଡ଼ିକରେ ଉପଭୋକ୍ତାମାନେ ନିଜ ବ୍ୟାଙ୍କ ଏଟିଏମ୍‌ରୁ ପ୍ରତି ମାସରେ ସର୍ବାଧିକ ୫ଥର ଏବଂ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ୩ଥର ନିଃଶୁଳ୍କ ସେବାର ଲାଭ ନେଇପାରିବେ । ସେହିପରି ଅଣ ମେଟ୍ରୋ ସହର ଗୁଡ଼ିକରେ ନିଜ ବ୍ୟାଙ୍କ ଏଟିଏମ୍‌ରୁ ୫ଥର ଏବଂ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ମଧ୍ୟ ୫ ଥର ନିଃଶୁଳ୍କ କାରବାର କରିପାରିବେ । ମାସିକ ଟଙ୍କା ଉଠାଣ ସୀମା ଅତିକ୍ରମ କରିବା ପରେ ପ୍ରତି କାରବାରରେ ଗ୍ରାହକଙ୍କୁ ୨୩ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ଦେବାକୁ ପଡିବ ବୋଲି ସୂଚନା ମିଳିଛି ।

# ଅଟଳ ଅକ୍ଷୟ ଉର୍ଜା ଭବନ

ଜାତୀୟ ସବୁଜ ହାଇଡ୍ରୋଜେନ୍ ମିଶନ୍ ଅଧୀନରେ ନୂଆଦିଲ୍ଲୀ ଠାରେ ଆଜି ଏକ କର୍ମଶାଳାର ଆୟୋଜନ କରାଯାଇଛି । ନୂତନ ଏବଂ ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏମ୍.ଏସ୍.ଏମ୍.ଇ. କ୍ଷେତ୍ରରେ ସୁଯୋଗର ନୂତନ ମାର୍ଗ ବାହାର କରିବା ଲକ୍ଷ୍ୟ ନେଇ ଅଟଳ ଅକ୍ଷୟ ଉର୍ଜା ଭବନରେ  ଏହି କର୍ମଶାଳାର ଆୟୋଜନ କରାଯାଇଛି । ସ୍ଥାୟୀ ସବୁଜ ଅର୍ଥନୀତି ପାଇଁ ଏମ୍.ଏସ୍.ଏମ୍.ଇ.ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଏଥିରେ

ମତ ବିନିମୟ ହେବ । ଉତ୍ପାଦନ ଏବଂ ଉପକରଣ ବିକାଶ ଦିଗରେ ବୈଷୟିକ ସହଯୋଗ, ସବୁଜ ଉଦ୍ୟାନ ଯୋଗାଣ ଶୃଙ୍ଖଳ ଏବଂ ମୂଲ୍ୟ ଶୃଙ୍ଖଳାରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ପ୍ରଦାନ ଲକ୍ଷ୍ୟ ନେଇ ଏହି କର୍ମଶାଳାରେ ଆଲୋଚନା ହେବାର ସମ୍ଭାବନା ରହିଛି ।

## ଇରାନ୍ ବ୍ଲାଷ୍ଟ୍

ଦକ୍ଷିଣ ଇରାନ୍‌ର ସାହିର ରାଜାଇ ବନ୍ଦର ନିକଟରେ ଘଟିଥିବା ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ୭୦କୁ ବୃଦ୍ଧି ପାଇଛି । ୧୨ଶହରୁ ଅଧିକ ଲୋକ ଆହତ ହୋଇଛନ୍ତି । ଇରାନ୍‌ର ଗଣମାଧ୍ୟମ ଏହି ସୂଚନା ପ୍ରଦାନ କରିଛି । ଆଞ୍ଚଳିକ ଗଭର୍ଣ୍ଣର ମହମ୍ମଦ ଆଶୌରୀ ତାଜିଆନି କହିଛନ୍ତି, ନିଆଁକୁ ନିୟନ୍ତ୍ରଣ କରାଯାଇଛି ଏବଂ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରହିଛି । ଅନ୍ୟ ପକ୍ଷରେ ଇରାନ୍‌ର ଆଭ୍ୟନ୍ତରୀଣ ମନ୍ତ୍ରୀ ଏସ୍‌କନ୍ଦର ମୋମେନି କହିଛନ୍ତି, ଏହି ବିସ୍ଫୋରଣ ପଛରେ କେତେକ ଅବହେଳାକୁ ଅନ୍ୟତମ କାରଣ ଭାବେ ଚିହ୍ନଟ କରାଯାଇଛି । ଘଟଣାର ପ୍ରକୃତ କାରଣ ଜାଣିବା ଲାଗି ଚାଲିଥିବା ତଦନ୍ତ ସମ୍ପର୍କରେ ସେ ସରକାରୀ ଆଇ.ଆର୍.ଆଇ.ବି. ଟିଭିକୁ ସାକ୍ଷାତକାର ଦେବା ଅବସରରେ ସୂଚନା ଦେଇଛନ୍ତି ।

## ନ୍ୟୁ ପୋପ

ସ୍ୱର୍ଗତ ପୋପ୍ ଫ୍ରାନ୍ସିସ୍‌ଙ୍କ ଉତ୍ତରାଧିକାରୀ ଚୟନ ପାଇଁ ଆସନ୍ତା ମାସ ୭ ତାରିଖରେ ଏକ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହେବ ବୋଲି ଭାଟିକାନ ସିଟି ପକ୍ଷରୁ ଘୋଷଣା କରାଯାଇଛି । ପୋପ୍ ଫ୍ରାନ୍ସିସ୍‌ଙ୍କ ପରଲୋକ ପରେ ବର୍ତ୍ତମାନ ପରିଚାଳନା କରୁଥିବା କାର୍ଡିନାଲଙ୍କ ମଣ୍ଡଳୀ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିପାଇଁ ସିଷ୍ଟିନ୍ ଚାପେଲ୍ ଠାରେ ପରମ୍ପରା ଅନୁଯାୟୀ ମତ ଗ୍ରହଣ କରାଯିବ । ବିଶ୍ୱର ୨୨୫ ଜଣ କାର୍ଡିନାଲଙ୍କ ମଧ୍ୟରୁ ୮୦ ବର୍ଷରୁ କମ୍ ବୟସ୍କ ୧୩୫ ଜଣଙ୍କ ମଧ୍ୟରୁ ପରବର୍ତ୍ତୀ ପୋପ୍‌ଙ୍କୁ ମନୋନୀତ କରାଯିବ ବୋଲି ସୂଚନା ମିଳିଛି ।

## ଚାର୍ ଧାମ୍ ଯାତ୍ରା

ଚଳିତ ବର୍ଷର ଚାରିଧାମ ଯାତ୍ରା ଆସନ୍ତାକାଲି ଠାରୁ ଆରମ୍ଭ ହେଉଛି । ଏହାର ପ୍ରସ୍ତୁତି ନେଇ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କରସିଂହ ଧାମି ଗତକାଲି ରାଜ୍ୟର ବିଭିନ୍ନ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଧାମି କହିଛନ୍ତି, ଆସନ୍ତା ୨ ତାରିଖରେ ଶ୍ରଦ୍ଧାଳୁ କେଦାରନାଥ ଧାମକୁ ଦର୍ଶନ ପାଇଁ ଯାଇ ପାରିବେ । ଏଥିପାଇଁ ଗତକାଲି ଠାରୁ ପଞ୍ଜିକରଣ ଆରମ୍ଭ ହୋଇସାରିଛି । ଦିବ୍ୟାଙ୍ଗ, ବରିଷ୍ଠ ଏବଂ ବିଦେଶୀ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି । ଏପରିକି ୨୦ଟି ନିଶୁଳ୍କ ରେଜିଷ୍ଟ୍ରେସନ୍ କାଉଣ୍ଟର ମଧ୍ୟ କାର୍ଯ୍ୟକାରୀ କରାଯାଇଛି । ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ରାଜ୍ୟ

ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରଦ୍ଧାଳୁ ଏହି ଚାରି ଧାମ ଗସ୍ତ ଅବସରରେ ଜମୁନେତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଓ ବଦ୍ରିନାଥ ସ୍ଥଳକୁ ପରିଦର୍ଶନରେ ଯାଇପାରିବେ ।

## ଆଇଆଇପି-ମାର୍ଚ୍ଚ

ଦେଶର ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ଗତ ମାସରେ ୩ ପ୍ରତିଶତ ବୃଦ୍ଧି ପାଇଛି । ଶିଳ୍ପ ଉଦ୍ୟାଦନ ସୂଚକାଙ୍କ ଆଇ.ଆଇ.ପି. ଦ୍ୱାରା ଏହି ତଥ୍ୟ ଘୋଷଣା କରାଯାଇଛି । ଫେବୃୟାରୀ ମାସରେ ଅଭିବୃଦ୍ଧି ହାର ୨ ଦଶମିକ୍ ୭ ପ୍ରତିଶତ ରହିଥିଲା । ଆଇ.ଆଇ.ପି. ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ବିଦ୍ୟୁତ୍ ଉତ୍ପାଦନ ୬ ଦଶମିକ୍ ୩ ପ୍ରତିଶତ, ଶିଳ୍ପ ଉତ୍ପାଦନ ୩ ପ୍ରତିଶତ ଏବଂ ଖଣି କାର୍ଯ୍ୟକଳାପ ଫେବୃୟାରୀ ମାସ ତୁଳନାରେ ମାର୍ଚ୍ଚରେ ଦଶମିକ୍ ୪ ପ୍ରତିଶତ ବୃଦ୍ଧି ପାଇଛି । ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ଏହି ତଥ୍ୟ ଗତକାଲି ପ୍ରକାଶ ପାଇଛି ।

## ସିନ୍ଧିଆ-ଜ୍ଞାନ-ପୋଷ୍ଟ

ଦେଶ ବ୍ୟାପି ଡାକ ଘର ମାଧ୍ୟମରେ ସୁଲଭ ମୂଲ୍ୟରେ ବହି ଏବଂ ଅଧ୍ୟୟନ ସାମଗ୍ରୀ ଉପଲବ୍ଧ ହେବ । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଜ୍ଞାନପୋଷ୍ଟ

ସେବା ସମ୍ପର୍କରେ ଘୋଷଣା କରିଛନ୍ତି । ଏହି ସେବା ଅଧୀନରେ ପଠାଯାଇଥିବା ପୁସ୍ତକ ଏବଂ ଶିକ୍ଷା ସାମଗ୍ରୀକୁ ଭୂପୃଷ୍ଠ ମାଧ୍ୟମରେ ପରିବହନ କରାଯିବା ସହ ଶସ୍ତା ଦରରେ ଉପଲବ୍ଧ କରାଇବାର ଲକ୍ଷ୍ୟ ରଖାଯାଇଛି । ଆସନ୍ତା ମାସ ପହିଲାରୁ ଏହି ସେବାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଜ୍ଞାନପୋଷ୍ଟ ସେବା ଜରିଆରେ ଦେଶର ଡାକଘର ଗୁଡ଼ିକ ଜନସେବା ପ୍ରତି ନିଜର ସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତିପାଦନ କରୁଛନ୍ତି । ଶିକ୍ଷା ସମ୍ବଳକୁ ଅଧିକ ସୁଲଭ ଏବଂ ସୁବ୍ୟବସ୍ଥିତ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ଚିତ୍ତାକର୍ଷକ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିଜୟୀ ହୋଇଛି । ଜୟପୁର ସବାଇ ମାନସିଂହ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଗୁଜରାଟ ଟାଇଟନ୍ସକୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ରାଜସ୍ଥାନ ରୟାଲ୍ସ ଗୁଜରାଟକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଗୁଜରାଟ ଟାଇଟନ୍ସ ୪ ୱିକେଟ୍ ବିନିମୟରେ ୨୦୯ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଅଧିନାୟକ ଶୁଭମନ ଗିଲ୍ ସର୍ବାଧିକ ୮୪ରନ୍ ଏବଂ ଜୋସ୍ ବଟଲର୍ ଅପରାଜିତ ୫୦ରନ୍ ସଂଗ୍ରହ କରିଥିଲେ ।

୨୧୦ରନ୍‌ର ବିଜୟ ଲକ୍ଷ୍ୟକୁ ରାଜସ୍ଥାନ ୧୫ ଓଭର ୫ଟି ବଲ୍‌ରେ ୨ ୱିକେଟ୍ ବିନିମୟରେ ହାସଲ କରିପାରିଥିଲେ । ଦଳ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ୩୮ଟି ବଲ୍‌ରୁ ୧୦୧ରନ୍‌ର ପାଳି ଖେଳିଥିଲେ । ମାତ୍ର ୧୪ ବର୍ଷ ୩୨ ଦିନର ବୟସରେ ବୈଭବ ଏହି ଶତକ ହାସଲ କରି ଆଇପିଏଲ୍ କ୍ରିକେଟ୍ ଇତିହାସରେ ସର୍ବକନିଷ୍ଠ ଖେଳାଳିର ମାନ୍ୟତା ହାସଲ କରିଛନ୍ତି । ତାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଦଳ ପକ୍ଷରୁ ଜଶସ୍ୱୀ ଜୟସ୍ୱାଲ୍ ଅପରାଜିତ ୭୦ରନ୍ ସଂଗ୍ରହ କରିଥିଲେ ।

ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ୍ ମଧ୍ୟରେ ଦିଲ୍ଲୀ ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ମୁକାବିଲା ହେବ ।